# NATIONAL NEWS BULLETIN (ODIA)
## 9 August - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ସଂସଦର ଉଭୟ ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ହେଲା ମୁଲତବୀ ।
- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇ ଦିନିଆ ନ୍ୟୁଜିଲାଣ୍ଡ ଗସ୍ତ ଶେଷ କରି ତିମୋର-ଲେସ୍ତେ ଅଭିମୁଖେ କରୁଛନ୍ତି ଯାତ୍ରା ।
- ଓ୍ୱାକଫ୍ ସଂଶୋଧନ ବିଲ୍ ୨୦୨୪କୁ ଅନୁଧ୍ୟାନ କରିବା ପାଇଁ ଗଠିତ ଯୁଗ୍ମ କମିଟିର ସଭ୍ୟଙ୍କ ନାମ ଲୋକସଭାରେ ହେଲା ପାରିତ ।
- ନିଟ୍-ପି.ଜି. ପରୀକ୍ଷା ୨୦୨୪କୁ ଘୁଞ୍ଚାଇବା ପାଇଁ କରାଯାଇଥିବା ଆବେଦନକୁ ଖାରଜ କଲେ ସୁପ୍ରିମ୍‌କୋର୍ଟ୍ ।

ଏବଂ

- ଆଜିଠାରୁ ଦେଶରେ ଆରମ୍ଭ ହେଲା ହର୍ ଘର୍ ତିରଙ୍ଗା ଅଭିଯାନ ।

# ପାର୍ଲାମେଣ୍ଟ ସାଇନ୍ ଡାଏ

ସଂସଦର ଉଭୟ ଗୃହକୁ ଆଜି ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି । ସଂସଦର ବଜେଟ୍ ଅଧିବେଶନ ଗତ ମାସ ୨୨ ତାରିଖ ଦିନ ଆରମ୍ଭ ହୋଇଥିଲା । ଯାହା ଆସନ୍ତା ସୋମବାର ଦିନ ଶେଷ ହେବାର ଥିଲା । ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ଏହି ଅଧିବେଶନ କାଳରେ ୧୧୫ ଘଣ୍ଟା ଧରି ୧୫ଟି ବୈଠକ ଅନୁଷ୍ଠିତ ହୋଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗତ ମାସ ୨୩ ତାରିଖରେ ଚଳିତ କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ କରିଥିଲେ । ଏହି କେନ୍ଦ୍ରୀୟ ବଜେଟ୍‌କୁ ନେଇ ଗୃହରେ ୨୭ ଘଣ୍ଟା ୨୯ ମିନିଟ୍ ଆଲୋଚନା ହୋଇଥିଲା ବୋଲି ସେ କହିଛନ୍ତି । ସେ କହିଛନ୍ତି,  ଚଳିତ ଅଧିବେଶନରେ ୧୨ଟି ସରକାରୀ ବିଲ୍ ଉପସ୍ଥାପିତ ହୋଇଥିଲା, ଏହା ମଧ୍ୟରୁ ୪ଟି ବିଲ୍ ଲୋକସାଭାରେ ପାରିତ ହୋଇଛି । ବାଚସ୍ପତି କହିଛନ୍ତି, ଏହି ବିଲ୍ ଗୁଡ଼ିକ ମଧ୍ୟରେ ଅର୍ଥ ବିଧେୟକ, ବିନିଯୋଗ ବିଧେୟକ, ଜାମ୍ମୁ କାଶ୍ମୀର ବିନିଯୋଗ ବିଧେୟକ ଏବଂ ଭାରତୀୟ ବାୟୁ ଯାନ ବିଧେୟକ ରହିଛି ।

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ କହିଛନ୍ତି, ସଂସଦ ୯୦ ଘଣ୍ଟା ଧରି ଚାଲିଥିଲା ଏବଂ ବଜେଟ୍ ସମ୍ପର୍କରେ ୨୨ ଘଣ୍ଟା ଆଲୋଚନା ହୋଇଥିଲା ।

## ପ୍ରେଜ୍-ତିମୋର୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁଇଦିନିଆ ନ୍ୟୁଜିଲାଣ୍ଡ ଗସ୍ତ ସଫଳତାର ସହ ଶେଷ କରି ତିମୋର-ଲେସ୍ତେ ଅଭିମୁଖେ ଯାତ୍ରା କରୁଛନ୍ତି । ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ତିମୋର-ଲେସ୍ତେର ଡିଲି ଠାରେ ଆସନ୍ତାକାଲି ସକାଳେ ପହଞ୍ଚିବେ । ସେଠାରେ ସେ ସେଠାକାର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପକ୍ଷିୟ ବୈଠକରେ ଯୋଗଦେବେ । ପ୍ରଥମଥର ପାଇଁ ଭାରତର ରାଷ୍ଟ୍ରପତି ତିମୋର-ଲେସ୍ତେ ଗସ୍ତରେ ଯାଉଛନ୍ତି ।

## ଏଲ୍‌ଏସ୍ ୱାକଫ୍ ଜଏଣ୍ଟ କମିଟି

ୱାକଫ୍ ସଂଶୋଧନ ବିଲ୍ ୨୦୨୪କୁ ଅନୁଧ୍ୟାନ କରିବା ପାଇଁ ଗଠିତ ଯୁଗ୍ମ କମିଟିର ସଭ୍ୟଙ୍କ ନାମ ପ୍ରସ୍ତାବକୁ ଲୋକସଭାରେ ପାରିତ କରାଯାଇଛି । ଏହି ଯୁଗ୍ମ କମିଟିରେ ୨୧ ଜଣ ସଭ୍ୟଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା । ଏହି କମିଟିରେ ଜଗଦମ୍ବିକା ପାଲ୍, ନିଶିକାନ୍ତ ଦୁବେ, ତେଜସ୍ୱୀ ସୂର୍ଯ୍ୟ, ଦିଲୀପ ସାଇକିଆ, ଗୌରବ ଗୋଗୋଇ, ଇମ୍ରାନ୍ ମସୁଦ୍, ମହମ୍ମଦ ଜାଭେଦ୍, କଲ୍ୟାଣ ବାନାର୍ଜୀ ଏବଂ ଅସାଦ୍ଦୁଦିନ୍ ଓୱେସି ପ୍ରମୁଖ ସଭ୍ୟ ରହିଛନ୍ତି । ରାଜ୍ୟସଭାରୁ ମଧ୍ୟ ୧୦ ଜଣଙ୍କୁ ଏହି କମିଟିରେ ସ୍ଥାନ ଦିଆଯିବ ।

ଲୋକସଭାରେ ଏ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପିତ କରି ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ମନ୍ତ୍ରୀ କିରିନ ରିଜିଜୁ କହିଛନ୍ତି, କମିଟି ତାହାର ରିପୋର୍ଟ୍ ଲୋକସଭାର ଆଗାମୀ ଅଧିବେଶନର ପ୍ରଥମ ସପ୍ତାହର ଶେଷ ଦିନରେ ଉପସ୍ଥାପିତ କରିବ । ସେହିପରି ରାଜ୍ୟସଭା ମଧ୍ୟ ୧୦ ଜଣ ସଭ୍ୟଙ୍କୁ ଏହି କମିଟିରେ ରଖିବା ପାଇଁ ଏକ ପ୍ରସ୍ତାବ ଗୃହରେ ଆଗତ କରିଛି । ଏହି ସଭ୍ୟମାନଙ୍କ ମଧ୍ୟରେ ବ୍ରିଜଲ, ସଂଜୟ ସିଂହ, ରାଧାମୋହନ ଦାସ ଅଗ୍ରୱାଲ ଏବଂ ଭି. ବିଜୟ ସାଇ ରେଡ୍ଡୀ ପ୍ରମୁଖ ରହିଛନ୍ତି ।

## ଏଲ୍‌ଏସ୍‌-ବାୟୁଯାନ ବିଧେୟକ

ଲୋକସଭାରେ ଆଜି ଭାରତୀୟ ବାୟୁଯାନ ବିଧେୟକ ୨୦୨୪ ପାରିତ ହୋଇଛି । ଏହି ବିଲ୍ କେନ୍ଦ୍ର ସରକାରଙ୍କୁ ଯେକୌଣସି ବିମାନର ନିର୍ମାଣ ପଦ୍ଧତି, ରକ୍ଷଣାବେକ୍ଷଣା, ଉପଯୋଗ, ନିର୍ମାଣ, ସଂଚାଳନ, ବିକ୍ରୟ, ଆମଦାନୀ କିମ୍ବା ରପ୍ତାନୀ କରିବାକୁ ଅଧିକାର ପ୍ରଦାନ କରିଛି । ଏହି ବିଲ୍‌ରେ ବିମାନ ଗୁଡ଼ିକର ସୁରକ୍ଷା ସଂକ୍ରାନ୍ତ ଅଧିକାର ମଧ୍ୟ ସରକାରଙ୍କୁ ମିଳିବ । ଯେକୌଣସି ବିମାନର ଦୁର୍ଘଟଣାର ତଦନ୍ତ କରିବା ଦାୟିତ୍ୱ ମଧ୍ୟ ସରକାରଙ୍କୁ ଏହି ବିଲ୍ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ଏହି ବିଲ୍ ସଂକ୍ରାନ୍ତରେ ଆଲୋଚନାରେ ଅଂଶଗ୍ରହଣ କରି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜରାପୁ ରାମମୋହନ ନାଇଡୁ କହିଛନ୍ତି, ନରେନ୍ଦ୍ର

ମୋଦୀଙ୍କ ନେତୃତ୍ୱର ସରକାର ଗତ ୧୦ ବର୍ଷ ମଧ୍ୟରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏକ ଅଭୁତପୂର୍ବ ସଫଳତା ହାସଲ କରିଛି । ଗୃହକୁ ସୂଚନା ଦେଇ ସେ କହିଛନ୍ତି, ଦେଶରେ ୨୦୧୪ ମସିହାରେ ୭୪ଟି ବିମାନ ବନ୍ଦର ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୫୭ରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ଠାରୁ ଦ୍ୱିଗୁଣ । ସେ କହିଛନ୍ତି, ବିମାନରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତମ ବେସାମରିକ ବିମାନ ଚଳାଚଳ ଅର୍ଥ ବ୍ୟବସ୍ଥାର ମାନ୍ୟତା ହାସଲ କରିଛି ।

## ଏଲ୍ଏସ୍-ବୁଲେଟ୍ ପ୍ରୁଫ୍ ଜାକେଟ୍

ଡି.ଆର୍.ଡି.ଓ. ନୂତନ ହାଲୁକା ଫ୍ରଣ୍ଟ ହାଡ୍ ଆର୍ମର୍ ପ୍ୟାନେଲ୍ ବୁଲେଟ୍ ପ୍ରୁଫ୍ ଜାକେଟ୍ ପ୍ରସ୍ତୁତ କରିଛି । ଲୋକସଭାରେ ଏକ ଲିଖିତ ଉତ୍ତରରେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଟ୍ କହିଛନ୍ତି, ମଧ୍ୟମବର୍ଗର ଏହି ହାଲୁକା ବୁଲେଟ୍ ପ୍ରୁଫ୍ ଜାକେଟ୍ର ଓଜନ ମାତ୍ର ୧୦ କିଲୋଗ୍ରାମ୍ ରହିଛି । ଭାରତୀୟ ସେନା ଏହି ହାଲୁକା ବୁଲେଟ୍ ପ୍ରୁଫ୍ ଜାକେଟ୍କୁ ପିନ୍ଧି ସହଜ ଓ ସୁବିଧାରେ ବିଭିନ୍ନ ଅଭିଯାନକୁ ସାମ୍ନା କରିପାରିବେ । ଏହି ଜାକେଟ୍ରେ ବିଭିନ୍ନ ଅତ୍ୟାଧୁନିକ ଅନନ୍ୟ ଜ୍ଞାନକୌଶଳ ଥିବା ମନ୍ତ୍ରୀ ଲୋକସଭାରେ ଉତ୍ତର ଦେଇଛନ୍ତି ।

# ଏସ୍‌ସି-ନିଟ୍

ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ନିଟ୍-ପି.ଜି. ପରୀକ୍ଷା ୨୦୨୪କୁ ଘୁଞ୍ଚାଇବା ପାଇଁ କରାଯାଇଥିବା ଏକ ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଛନ୍ତି । କୋର୍ଟ୍ କହିଛନ୍ତି, ପରୀକ୍ଷାର ସମୟ ନିର୍ଘଣ୍ଟକୁ ଘୁଞ୍ଚାଇବା ଦ୍ୱାରା ୨ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏହି ପରୀକ୍ଷା ଘୁଞ୍ଚାଯାଇ ପାରିବ ନାହିଁ । ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଦିଓ୍ୱାଲା ଏବଂ ଜଷ୍ଟିସ୍ ମନୋଜ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ନିୟମ ଅନୁସାରେ ପରୀକ୍ଷା ତାରିଖ ପୁନଃ ନିର୍ଦ୍ଧାରିତ କରିବା କୋର୍ଟର କାର୍ଯ୍ୟ ନୁହେଁ । କୋର୍ଟ୍ ବହୁ ଆଶାୟୀ ପ୍ରାର୍ଥୀଙ୍କ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲିଦେଇ ପାରିବ ନାହିଁ । ଆବେଦନକାରୀ ଦର୍ଶାଇଥିଲେ ପରୀକ୍ଷା କେନ୍ଦ୍ର ଗୁଡ଼ିକ ଯେଉଁ ସହରରେ ନିର୍ଦ୍ଧାରଣ କରାଯାଇଛି ତାହା ଛାତ୍ରଛାତ୍ରୀମାନଙ୍କ ପାଇଁ ଉପଯୋଗୀ ନୁହଁ । ଆବେଦନକାରୀ ଦର୍ଶାଇଛନ୍ତି, ଗତ ଜୁଲାଇ ୩୧ ତାରିଖରେ କେଉଁ ସହରରେ ପରୀକ୍ଷା ଗୁଡ଼ିକ ହେବ ତାହା ଘୋଷଣା କରାଯାଇଥିଲା ଏବଂ ଗତକାଲି ପରୀକ୍ଷା କେନ୍ଦ୍ର ଗୁଡ଼ିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରାଯାଇଛି । ଏହି ପରୀକ୍ଷା ଗତ ଜୁନ୍ ୨୩ ତାରିଖରେ ଅନୁଷ୍ଠିତ ହେବାର ଥିଲା । ଯାହାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

ବିଭିନ୍ନ କାରଣ ଦର୍ଶାଇ ରଦ୍ଦ କରିଥିଲା । ସମଗ୍ର ଦେଶରେ ଚଳିତ ନିଟ୍ ପି.ଜି. ପରୀକ୍ଷା ୫୦୦ଟି କେନ୍ଦ୍ରରେ ଅନୁଷ୍ଠିତ ହେବାକୁ ଯାଉଛି ।

## ବିଜେପି-ହର ଘର୍ ତ୍ରିରଙ୍ଗା

ଦେଶରେ ଆଜିଠାରୁ ହର୍ ଘର ତିରଙ୍ଗା ଅଭିଯାନ ଆରମ୍ଭ ହୋଇଛି । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାଓ୍ୱତ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବା ସହ ହର ଘର ତିରଙ୍ଗା ଓ୍ୱେବସାଇଟରେ ତ୍ରିରଙ୍ଗା ସହ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରିଛନ୍ତି, ଯାହାକି ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆଜାଦି କା ଅମୃତ ମହୋତ୍ସବ ଅଧୀନରେ ୨୦୨୨ ମସିହାରେ ହର ଘର ତିରଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା ଏବଂ ଗତବର୍ଷ ୧୦ କୋଟିରୁ ଅଧିକ ଲୋକ ତ୍ରିରଙ୍ଗା ସହ ସେଲ୍ଫି ଉଠାଇ ଏହାକୁ ଅପଲୋଡ୍ କରିଥିଲେ। ଏହି ଅବସରରେ ସାରା ଦେଶରେ ୨୦୦ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ଚଳିତ ମାସ ୧୩ ତାରିଖରେ ସାଂସଦ ଓ ମନ୍ତ୍ରୀମାନେ ତିରଙ୍ଗା ବାଇକ୍ ରାଲି କରିବେ ସେ କହିଛନ୍ତି ।

ଦେଶବ୍ୟାପୀ ହର ଘର ତିରଙ୍ଗା ଅଭିଯାନର ଏକ ଅଂଶ ଭାବରେ ଭାରତୀୟ ଜନତା ପାର୍ଟି ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରିବ। ଅଗଷ୍ଟ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସ୍ୱାଧୀନତା ସଂଗ୍ରାମୀ ଓ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ସୂଚନା ଦେଇଛନ୍ତି। ଅଗଷ୍ଟ ୧୪ ତାରିଖରେ ନୀରବ ଶୋଭାଯାତ୍ରା ସମେତ ସମସ୍ତ ଜିଲ୍ଲାରେ ବିଭାଜନ ସ୍ମୃତି ଦିବସ ପାଳନ କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ତ୍ରିରଙ୍ଗା ପ୍ରଦର୍ଶିତ ହେବ ବୋଲି ଶ୍ରୀ ଚୁଗ୍ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ କର୍ମକର୍ତ୍ତା, ନେତା ଓ ଜନପ୍ରତିନିଧି ଯୋଗଦେବେ ବୋଲି ସେ କହିଛନ୍ତି।

## ବାଂଲାଦେଶ-ବର୍ଡର କମିଟି

କେନ୍ଦ୍ର ସରକାର ଭାରତ-ବାଂଲାଦେଶ ସୀମାରେ ଉପୁଜିଥିବା ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିଛି । ଏହି କମିଟି ବାଂଲାଦେଶ ପ୍ରତିପକ୍ଷ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ସେଠାରେ ଥିବା ଭାରତୀୟମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ

ସୁନିଶ୍ଚିତ କରିବ । ପୂର୍ବାଞ୍ଚଳ ସୀମା ସୁରକ୍ଷା ବଳ ବି.ଏସ୍.ଏଫ୍.ର ଏ.ଡି.ଜି.ଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଦକ୍ଷିଣ ବଙ୍ଗଳାର ବି.ଏସ୍.ଏଫ୍.' ଆଇ.ଜି., ତ୍ରିପୁରା ବି.ଏସ୍.ଏଫ୍. ମୁଖ୍ୟାଳୟର ଆଇ.ଜି., ଲ୍ୟାଣ୍ଡ ପୋର୍ଟସ୍ ଅଥରିଟି ଅଫ୍ ଇଣ୍ଡିଆର ଯୋଜନା ଏବଂ ବିକାଶ ବିଭାଗର ସଭ୍ୟ ତଥା ଏହାର ସଚିବ ପ୍ରମୁଖ ଏଥିରେ ସଭ୍ୟ ରହିଛନ୍ତି ।

## ପିଏମ୍-ଚୋପ୍ରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଜାଭ୍‌ଲିନ୍ ଥ୍ରୋ ବିଜେତା ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ଅଲିମ୍ପିକ୍‌ରେ ରୌପ୍ୟ ପଦକ ଜିତିଥିବା ନୀରଜଙ୍କ ସହ କଥାବାର୍ତ୍ତା କରି ଶ୍ରୀ ମୋଦୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ପ୍ୟାରିସ୍ ଅଲିମ୍ପିକ୍ସ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ଆଜିର ଖେଳରେ ଭାରତୀୟ ପୁରୁଷ କୁସ୍ତି ଯୋଦ୍ଧା ଅମନ ଶେରାୱତ୍ ୫୭ କେ.ଜି. ଫ୍ରିଷ୍ଟାଇଲ୍ ରେସଲିଂ ପ୍ରତିଯୋଗିତା ଖେଳିବେ । ପ୍ୟାରିସ୍ ଅଲିମ୍ପିକ୍ସ ପୁରୁଷ କୁସ୍ତି ଯୋଦ୍ଧା ପ୍ରତିଯୋଗିତାରେ ଅମନ ବ୍ରୋଞ୍ଜ ପଦକ ପାଇଁ ଡେରିୟନ୍ କ୍ରୁଜ୍‌ଙ୍କ ସହ

ମୁକାବିଲା କରିବେ । ଏହା ଭାରତୀୟ ସମୟ ଆଜି ରାତି ୯ଟା ୪୫ ମିନିଟ୍‌ରେ ଅନୁଷ୍ଠିତ ହେବ । ସେହିପରି ଭାରତୀୟ ଗଲ୍ଫ ଖେଳାଳି ଆଦିତି ଅଶୋକ ଏବଂ ଦିକ୍‌ସା ଡଗର ରାଉଣ୍ଡ-ଟୁ'ରୁ ରାଉଣ୍ଡ-ଥ୍ରୀ ପ୍ରତିଯୋଗିତାରେ ପଦକ ହାସଲ କରିବା ପାଇଁ ବହୁ ପଛରେ ରହିଛନ୍ତି ।